## ସଂକ୍ଷେପରେ

### ବୃନ୍ଦାବତୀ ମଣ୍ଡପ ପ୍ରତିଷ୍ଠା ଉତ୍ସବ

ଧରାକୋଟ,୨୭।୪(ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଧରାକୋଟ ନିକଟସ୍ଥ ବାହାରପୁର ପଞ୍ଚାୟତ ଅଧୀନସ୍ଥ ଡାକିବଜା ଗ୍ରାମର ପନ୍ଦରାସାହିରେ ବୃନ୍ଦାବତୀ ମଣ୍ଡପ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଭାତରୁ କଳସ ଶୋଭାଯାତ୍ରାରେ ନିକଟସ୍ଥ ପୁଷ୍କରିଣୀରୁ ଜଳ ଅଣାଯିବା ପରେ ଅଙ୍କୁରାପଣ କରାଯାଇ ଅଷ୍ଟପ୍ରହରୀ ନାମଯଜ୍ଞ ଓ ଘୃତଯଜ୍ଞ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଆଳତି ସମୟରେ ଧରାକୋଟ ରାଜା ସୁଲକ୍ଷଣା ଗୀତାଞ୍ଜଳି ଦେବୀ ଉପସ୍ଥିତ ଥିଲେ। ଗ୍ରାମର ପୁରୁଷ ଓ ମହିଳାମାନଙ୍କ ତରଫରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଥିଲା। ଶେଷରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଶିବରାମ ଭାଜପା ଜିଲା କାର୍ଯ୍ୟକାରୀ ସଭାପତି ନିଯୁକ୍ତ



ମୋହନା,୨୭।୪ (ମନ୍ମଥ ମିଶ୍ର) ଗଜପତି ଜିଲା ଭାଜପା କାର୍ଯ୍ୟକାରୀ ସଭାପତି ଭାବେ ଯୁବନେତା ଶିବରାମ ସୁଆରଙ୍କୁ ନିଯୁକ୍ତ କରାଯାଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଭାଜପା ରାଜ୍ୟ ସଭାପତିଙ୍କ ଅନୁମୋଦନ କ୍ରମେ ଭାଜପା ପକ୍ଷରୁ ପ୍ରେସ ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ କିଛିବର୍ଷ ହେଲା ଶିବରାମ ଜିଲା ଉପସଭାପତି ଦାୟିତ୍ୱରେ ଥିଲେ। ସାଧାରଣ ନିର୍ବାଚନ ଚାଲିଥିବା ବେଳେ ଶିବରାମଙ୍କ ନିଯୁକ୍ତି ଦଳ ପାଇଁ ଲାଭଦାୟକ ହେବ ବୋଲି ଅନୁମାନ କରାଯାଉଛି। ଜିଲା ସଭାପତି ତଥା ବିଧାୟକ କେ. ନାରାୟଣ ରାଓ ପୁଣି ପାରଳାଖେମୁଣ୍ଡି ବିଧାୟକ ପ୍ରାର୍ଥୀ ହୋଇଥିବା ବେଳେ ଦଳୀୟ ସଂଗଠନ ପାଇଁ ଜଣେ କାର୍ଯ୍ୟକାରୀ ସଭାପତି ଆବଶ୍ୟକତାକୁ ଅନୁଭବ କରିଛି ଦଳ। ଏଭଳି ଗୁରୁ ଦାୟିତ୍ୱ ଦେଇଥିବା ଯୋଗୁଁ ରାଜ୍ୟ ସଭାପତି ମନମୋହନ ସାମଲ ଓ ଜିଲା ସଭପତି କେ ନାରାୟଣ ରାଓଙ୍କୁ କୃତଜ୍ଞତା ଜଣାଇଛନ୍ତି ଶିବରାମ।

### ଭୋଟର ସଚେତନତା

ଫିରିଙ୍ଗିଆ,୨୭।୪(ବିକ୍ରମ ଦିଗାଲ),

ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ବନ୍ଧଗଡ଼ ସ୍ୱାତୀ ଅନୁଷ୍ଠାନ ତରଫରୁ ଭୋଟର ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ସଂଖ୍ୟାରେ ଯୋଗ ଦେଇଥିବା ବେଳେ ସ୍ୱାତୀ ଅନୁଷ୍ଠାନର ଅଧକ୍ଷ ପ୍ରଶାନ୍ତ ଶତପଥୀ, କାର୍ଯ୍ୟକ୍ରମ ସଂଯୋଜକ ବିଶ୍ୱରଞ୍ଜନ କର, ପ୍ରଦୀପ କୁମାର ସ୍ୱାଇଁ, ଗିରିଶ ଚନ୍ଦ୍ର ସାମଲ ଓ ସ୍ୱାତୀ ଅନୁଷ୍ଠାନର ସମସ୍ତ ପ୍ରକଳ୍ପର କର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

### ଗଞ୍ଜେଇ ବେପାରୀ ଫେରାର

ଫିରିଙ୍ଗିଆ,୨୭।୪(ବିକ୍ରମ ଦିଗାଲ)

ଫିରିଙ୍ଗିଆ ଥାନା ଅର୍ନ୍ତଗତ ସାଡିଙ୍ଗିଆ ପଞ୍ଚାୟତର ବିଭିନ୍ନ ଅଞ୍ଚଳରୁ ଶନିବାର ପୋଲିସ ୧୦୮୦ କିଲୋ ଗଞ୍ଜେଇ ଜବତ କରିଛି। କିନ୍ତୁ ଗଞ୍ଜେଇ ମାଫିଆ ଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି। ଏ ନେଇ ଫିରିଙ୍ଗିଆ ଥାନାରେ ନଂ.୧୦୩/୨୪ ଓ ୧୦୪/୨୪ରେ ଏକ ମାମଲା ରୁଜୁ କରାଯାଇଥିବା ଅତିରିକ୍ତ ଥାନା ଅଧିକାରୀ ଅଜୟ କୁମାର ସାହୁ ସୂଚନା ଦେଇଛନ୍ତି।

### କଳସ ଯାତ୍ରାରେ ହରିନାମର ବାର୍ତ୍ତା

ବ୍ରହ୍ମପୁର,୨୭।୪(ଅଶୋକ କୁମାର ସାହୁ) ଗୋପାଳପୁର ନିକଟ କରାପଲ୍ଲୀରେ ଶନିବାର କଳସ ଯାତ୍ରାରେ ହରିନାମର ବାର୍ତ୍ତା ଶୁଭୁଛି। ବିଶ୍ୱଶାନ୍ତି ପାଇଁ ନାମ ଯଜ୍ଞ ଯୋଗୁ ଗାଁ ନାମରେ କମ୍ପି ଉଠିଛି। ଏହି ଅବସରରେ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ନୂତନ ବସ୍ତ୍ର ପରିଧାନ କରି ଗ୍ରାମ ପୋଖରୀରୁ କଳସ ଜଳ ଧରି ପୂଜା ମଣ୍ଡପରେ ପହଞ୍ଚିଥିଲେ। ବାଜାବାଜଣାରେ ଗ୍ରାମ କମ୍ପି ଉଠିଥିଲା। ପୁରୀର ଲଛମନ ଦାଶ ମହାରାଜ, ପ୍ରେମାନନ୍ଦ ଦାଶ ମହାରାଜ, ସଦାନନ୍ଦ ଦାଶ ମହାରାଜ ପୂଜାର୍ଚ୍ଚନା କରିଥିଲେ। ଶନିବାର ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ହେବା ପରେ ନାମ ସଂକୀର୍ତ୍ତନ ନଗର ପରିକ୍ରମା କରିଥିଲା। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି ସଂକୀର୍ତ୍ତନ ଚାଲିବ। ମେ ୧ ତାରିଖରେ ସାଂସ୍କୃତିକ କାର୍ଯ୍ୟକ୍ରମ ଥିବା ଗ୍ରାମ କମିଟି ପକ୍ଷରୁ ସୂଚନା ମିଳିଛି। ଏଥି ସହିତ ଘୃତଯଜ୍ଞ, ଅନ୍ନ ଯଜ୍ଞର ବ୍ୟବସ୍ଥା ହୋଇଛି। ଏନ. ସିମାଦ୍ରୀ ରେଡ଼ି, ଦୀନବନ୍ଧୁ ପାତ୍ରଙ୍କ ସମେତ ଗ୍ରାମ କମିଟିର ସଭ୍ୟ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# କାଠ ଚୋରି ବେଳେ ଗାଁ ଲୋକଙ୍କ ଉପରକୁ ବୋମା ମାଡ଼



ଧରାକୋଟ, ୨୭।୪ (ବିଷ୍ଣୁକେଶରୀ ଆଚାର୍ଯ୍ୟ): ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ସରଧାପୁର ପଞ୍ଚାୟତର ବରିଗୁଡା ଗ୍ରାମ ନିକଟ ଜଙ୍ଗଲରେ କାଠ ମାଫିଆମାନେ ଆତଙ୍କ ରଚାଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଏକାଧିକ ଦୁର୍ବୃତ୍ତ ବରିଗୁଡା ଜଙ୍ଗଲରୁ ମୂଲ୍ୟବାନ ଶାଗୁଆନ କାଠ ଚୋରୁ କରୁଥିଲେ। ଏହି ସମୟରେ ଖବର ପାଇ ଗାଁ ଲୋକ ଘଟଣାସ୍ଥଳରେ ପହଞ୍ଚିବା ପରେ ସେମାନେ ଧରାପଡ଼ିଯିବା ଭୟରେ ଗ୍ରାମବାସୀଙ୍କ ଉପରକୁ ଦୁଇଟି ବୋମାମାଡ଼ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ପ୍ରକାରେ ଦୁଇଟି ବାଇକ୍‌ରେ ୪ ଜଣ କଳା ମୁଖାଧାରୀ ଲୋକ ଦୁର୍ବୃତ୍ତ ବରିଗୁଡା ଗ୍ରାମ୍ୟ ଜଙ୍ଗଲରୁ ଶାଗୁଆନ କାଠ କାଟୁଥିଲେ। ଗ୍ରାମର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଲୋକ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ବୋମାମାଡ଼ରେ କାହାର କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ଖବରପାଇ ଧରାକୋଟ ପୋଲିସ ଓ ସ୍ଥାନୀୟ ବନପାଳ ପହଞ୍ଚି ଘଟଣାର ତଦନ୍ତ କରିଥିବା ବେଳେ କଟା ଯାଇଥିବା କାଠକୁ ସହମତି ଭିତ୍ତିରେ ଗ୍ରାମ କୋଠକୁ ପ୍ରଦାନ କରାଯାଇଥିବା ବନପାଳ ଅକ୍ଷୟ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

# ଲେମ୍ଭେଇରେ ୧୫ ବଖରା ଜଳିଗଲା



କ୍ଷତିଗ୍ରସ୍ତ ପରିବାର ।

ଭଞ୍ଜନଗର,୨୭।୪(ବାବୁଲା ପ୍ରଧାନ) ଭଞ୍ଜନଗର ବ୍ଲକ ଲେମ୍ଭେଇ ହରିଜନ ସାହିରେ ଶନିବାର ଅପରାହ୍ନ ୧ଟା ସମୟରେ ଭୟାବହ ଅଗ୍ନିକାଣ୍ଡ ଘଟି ୧୨ ପରିବାରର ୧୫ ବଖରା ଜଳିଯାଇଛି। ଏଥିସହ ଲକ୍ଷାଧିକ ଟଙ୍କାର ସମ୍ପତି ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ଭଞ୍ଜନଗର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲା। କ୍ଷତିଗ୍ରସ୍ତ ପରିବାରଗୁଡ଼ିକ ହେଲେ ବାବୁଲି ନାଇକ, ପୁନିଆ ନାଇକ, ବାବୁ ନାଇକ, ହରି ନାଇକ, ରଞ୍ଜିତ ନାଇକ, ଗୋପାଳ ନାଇକ, ଯମୁନା ନାଇକ, ସତ୍ୟବାନ ନାଇକ, ଦଣ୍ଡାସି ନାଇକ, ମାଧବ ନାଇକ, ଛବିତା ନାଇକ ଓ ଭାସି ନାଇକ । ନିଆଁ କେଉଁଭଳି ଲାଗିଛି ସେନେଇ ଲୋକେ ଜାଣି ପାରିନାହାନ୍ତି। ପ୍ରକାଶ ଯେ, ଆଜି ଭଞ୍ଜନଗର ଅଞ୍ଚଳରେ ତାପମାତ୍ରା ୪୩ ଡ଼ିଗ୍ରୀ ଥିଲା। ତେଣୁ ଲେମ୍ଭେଇ ହରିଜନସାହି ବାସିନ୍ଦା ଖରାବେଳେ ଭୋଜନ ପରେ ବିଶ୍ରାମ ନେଇଥିଲେ। ଏହି ସମୟରେ ହଠାତ୍ ନିଆଁ କାହାରି ଘରୁ ବାହାରିଥିଲା। ଚାହୁଁ ଚାହୁଁ ୧୫ ମିନଟ ମଧ୍ୟରେ ସମସ୍ତ ଘର ପୋଡ଼ି ପାଉଁଶ ହୋଇଯାଇଥିଲା। ଲୋକେ ଜୀବନ ବଞ୍ଚାଇବା ପାଇଁ ଘରୁ ବାହାରକୁ ଚାଲି ଆସିଥିଲେ। ଫଳରେ କୈଣସି ଜିନିଷ ଉଦ୍ଧାର କରିପାରିନଥିଲେ। ରାଜସ୍ୱ ବିଭାଗ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସରକାରୀ ସହାୟତା ବ୍ୟବସ୍ଥା କରିଛନ୍ତି।

# ଖରାତାତିକୁ ଭୃକ୍ଷେପ ନ କରି ବିଜେଡିର ପ୍ରଚାର



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଆସିକା ୨୭।୪ (ସୁରେନ୍ଦ୍ର ନାଥ ସାହୁ):

ଆସିକା ଅଞ୍ଚଳରେ ଗତ କିଛି ଦିନ ହେଲା ୪୦ ଡିଗ୍ରୀରୁ ଅଧିକ ତାପମାତ୍ରା ଅଞ୍ଚଳବାସୀଙ୍କୁ ନାକେଦମ କରିସାରିଲାଣି। ତେବେ ବିଜେଡି ଆସିକା ବିଧାନସଭା ପ୍ରାର୍ଥୀ ବିଧାୟିକା ମଞ୍ଜୁଳା ସ୍ୱାଇଁ ଖରାତାତିକୁ ଭୃକ୍ଷେପ ନ କରି ଦଳୀୟ ସମର୍ଥକଙ୍କ ସହ ପ୍ରଚାର ଅଭିଯାନ ଜୋରଦାର କରିଛନ୍ତି। ଶନିବାର ଆସିକା ବ୍ଲକର ମଙ୍ଗଳପୁର ପଞ୍ଚାୟତର ମଙ୍ଗଳପୁର, ନବରନ୍ନପୁର, ଗହଙ୍ଗୁ, ପାଟଣା, ଚନ୍ଦନପେଡ଼ି, ଫାପଲପୁର ଆଦି ଗ୍ରାମାଞ୍ଚଳରେ ପ୍ରଚାର କରିଛନ୍ତି। ଶଙ୍ଖ ଚିହ୍ନରେ ପୂର୍ବାପେକ୍ଷା ଅଧିକା ଭୋଟ ବ୍ୟବଧାନରେ ବିଜୟୀ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ଲାଗି ରାଜ୍ୟ ଶାସନରେ କ୍ଷମତାସୀନ କରିବା ନିମନ୍ତେ ସଂକଳ୍ପବଦ୍ଧ ହେବା ଲାଗି ବିଭିନ୍ନ ଜନ ସଭାରେ ନିବେଦନ କରିଥିଲେ। ଏହି ପ୍ରଚାର ଅଭିଯାନରେ ଆସିକା ଏମପି ପ୍ରମିଳା ବିଷୋୟୀ, ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ପୂର୍ବତନ ବ୍ଲକ ଅଧକ୍ଷ ହରେକୃଷ୍ଣ ମଳିକ, ଯୁବନେତା ଭବାନୀ ଶଙ୍କର ମଳିକ, ଶିବ ନାହାକ, ଭଗବାନ ସାହୁ, ଦିଲୀପ ପାଣିଗ୍ରାହୀ, ସନ୍ତୋଷ ପୋଲାଇ, ଜିଲ୍ଲା ପରିଷଦ ସଭ୍ୟ ମନୋଜ କୁମାର ଦୋରା, କାର୍ତ୍ତିକେଶ୍ୱର ପରିଡା, ନନ୍ଦ କୁମାର ବିଷୋୟୀ, ଦେବରାଜ ପାତ୍ର, ଦେବରାଜ ନାୟକ, ଗାୟତ୍ରୀ ଆଚାର୍ଯ୍ୟ, ସନ୍ତୋଷ କୁମାର ନାୟକ, ମନୋଜ ପରିଡା, ରୁନୁ ସାହୁ, ସୀତାରାମ ମୋହିନୀ, ଟୁଲୁ ଜେନା, ବିଜୟ ନାହାକ ପ୍ରମୁଖ ସାମିଲ ଥିଲେ।

### ମୋହନା ପୋଲିସ୍‌ର ଫ୍ଲାଗମାର୍ଚ୍ଚ

ମୋହନା,୨୭।୪(ମନ୍ମଥ ମିଶ୍ର): ଗଜପତି ଏସପି ସ୍ୱାତୀ ଏସ କୁମାରଙ୍କ ନିର୍ଦ୍ଦେଶ କ୍ରମେ ମୋହନା ପୋଲିସ ତରଫରୁ ଶନିବାର ଚନ୍ଦ୍ରଗିରି, ମୋହନା ଓ ଅଡବାରେ ଫ୍ଲାଗ ମାର୍ଚ୍ଚ କରାଯାଇଛି। ଏହି ଫ୍ଲାଗ ମାର୍ଚ୍ଚ ମୋହନା ସହରରେ ଥିବା ତହସିଲ୍ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ହାଇସ୍କୁଲ ଛକ ପର୍ଯ୍ୟନ୍ତ ଯାଇଥିଲା। ଆଗାମୀ ସାଧାରଣ ନିର୍ବାଚନ ମେ' ୧୩ ରେ ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ବେଳେ କିଭଳି ମତଦାତା ଶାନ୍ତିପୂର୍ଣ୍ଣ ଭାବରେ ନିଜର ବହୁମୂଲ୍ୟ ମତ ସାବ୍ୟସ୍ତ କରିବେ ତାହା ପାଇଁ ପୋଲିସ୍ ପ୍ରଶାସନ ସଜାଗ ରହିଛି। ନିର୍ବାଚନ ସମୟରେ କୌଣସି ଲୋକ ବିଶୃଙ୍ଖଳା ବା ହିଂସାର ଆଶ୍ରୟ ନିଏ ତା'ହେଲେ ତାଙ୍କ ବିରୋଧରେ ଆଇନ୍ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆର୍.ଉଦୟଗିରି ଏସଡିପିଓ ଅଶ୍ୱିନୀ କୁମାର ନାୟକ କହିଛନ୍ତି।

### ବାଇକ୍ ଚୋରି ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୨୭।୪(ଅଶେଷ ନାଥ ମିଶ୍ର): ଦିଗପହଣ୍ଡି ବ୍ଲକ ମଙ୍ଗରାଜପୁର ଗ୍ରାମର ସିଦ୍ଧାନ୍ତ ନାଇକଙ୍କୁ ଦିଗପହଣ୍ଡି ପୋଲିସ ଶନିବାର ବାଇକ ଚୋରି ମାମଲାରେ ଗିରଫ କରି କୋର୍ଟ ଚାଲାଣ କରିଛି। ଥାନା ମାମଲା ନଂ.୧୯୧/୨୪ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗତ ୨୨ ତାରିଖରେ ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମରେ ମା' ଠାକୁରାଣୀଙ୍କ ଯାତ୍ରା ଚାଲିଥିବା ବେଳେ ଗ୍ରାମର ମୁଖ୍ୟରାସ୍ତା ନିକଟ ପାତ୍ର ସାହିରୁ ପ୍ରଶାନ୍ତ କୁମାର ଦାସଙ୍କ ବାଇକ (ଓଆର ୦୭ଏମ-୩୭୩୨) ଚୋରି ହୋଇଯାଇଥିଲା। ସେ ଥାନାରେ ଏତଲା ଦେବା ପରେ ପୋଲିସ ମକଦ୍ଦମା ରୁଜୁ କରି ସିସିଟିଭି ଫୁଟେଜ ଯାଞ୍ଚ କରିବାରୁ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିଲା। ପୋଲିସ ଶନିବାର ଅଭିଯୁକ୍ତଙ୍କୁ ତାଙ୍କ ଗ୍ରାମରୁ ଗିରଫ କରିବା ସହ ତାଙ୍କ ନିକଟରୁ ଚୋରି ଯାଇଥିବା ବାଇକକୁ ଜବତ କରିଥିବା ଜଣାପଡିଛି।

### ଫୁଟବଲ ଖେଳାଳିଙ୍କୁ ସମ୍ବର୍ଦ୍ଧନା

ଭଞ୍ଜନଗର,୨୭।୪(ବାବୁଲା ପ୍ରଧାନ):

ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଯୁକ୍ତ ୨ ଛାତ୍ରୀ ଦିପାଞ୍ଜଳି ସାହୁ, ଛାତ୍ର ତମନା ପୋଲେଇ ଏବଂ ବିଷ୍ଣୁ ପ୍ରସାଦ ମହାନ୍ତି କଲେଜ ତରଫରୁ ରାଜ୍ୟସ୍ତରୀୟ ଫୁଟବଲ ଖେଳିବା ପାଇଁ କିଛିଦିନ ପୂର୍ବେ ଭୁବନେଶ୍ୱର ଯାଇଥିଲେ। ଶୁକ୍ରବାର କଲେଜରେ ଆସି ତାଙ୍କ ପ୍ରମାଣପତ୍ର ପହଁଚିବା ପରେ କଲେଜ ତରଫରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଅଧକ୍ଷ ରାଜେନ୍ଦ୍ର ଦାସ, ପ୍ରାଧ୍ୟାପକ ବିଭାସ ଦାସ, ଅଧ୍ୟାପକ ସୁନିଲ ଦାସ, ଏନସିସି ଅଫିସର୍ ଲେଫ୍ଟାନାଣ୍ଟ ରଜନୀକାନ୍ତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ଜଙ୍ଗଲରେ ନିଆଁ ନ ଲଗାଇବାକୁ ସଚେତନତା

ପାରଳାଖେମୁଣ୍ଡି, ୨୭।୪ (ଗିରିଧାରୀ ପରିଛା)

ଦିନକୁ ଦିନ ଗ୍ରୀଷ୍ମପ୍ରବାହ ଯୋଗୁଁ ତାପମାତ୍ରା ବଢ଼ି ଚାଲିଥିବା ବେଳେ ଏହାକୁ ତାଳ ଦେଇ ଜଙ୍ଗଲରେ ନିଆଁ ଲାଗୁଥିବା ବଢ଼ି ବଢ଼ି ଚାଲିଛି। ଗଜପତି ଜିଲାରେ ବିଗତ ଏକ ସପ୍ତାହରୁ ଊର୍ଦ୍ଧ୍ୱ ହେବ ତାପମାତ୍ରା ୪୧ଡିଗ୍ରୀରୁ ଅଧିକ ରହୁଥିବା ବେଳେ ପଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ଏଲର୍ଟ ସତର୍କ କରାଯାଇଛି। ପାରଳାଖେମୁଣ୍ଡି ବନଖଣ୍ଡ ପକ୍ଷରୁ ସୂଚନା ମିଳିଛି ଯେ, ପାରଳାଖେମୁଣ୍ଡି ବନଖଣ୍ଡଠାରେ ଗତ ଫେବୃଆରୀ ମାସ ପ୍ରାରମ୍ଭରୁ ଆଜି ପର୍ଯ୍ୟନ୍ତ ମୋଟ ୭୩୬୫ ଟି ସ୍ଥାନରେ ନିଆଁ ଲାଗିଥିବା ବେଳେ ସେଥିମଧ୍ୟରୁ ୬୦୧ଟି ସ୍ଥାନରେ ଜଙ୍ଗଲ ଭିତରେ ନିଆଁ ଲାଗିଥିବା ବେଳେ ୧୩୪ଟି ସ୍ଥାନରେ ଜଙ୍ଗଲ ବାହାରେ ନିଆଁ ଲାଗିଥିବା ଜଣାପଡିଛି। ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ ଏସ.ଆନନ୍ଦ କହିଛନ୍ତି ଯେ ଯେଉଁସବୁ ସମ୍ବେଦନଶୀଳ ସ୍ଥାନ ରହିଛି ସେଠାରେ ୨୪ ଘଣ୍ଟିଆ କଡ଼ା ପାଟ୍ରୋଲିଂ କରାଯାଉଛି। ଏହିସବୁ ନିଆଁକୁ ବନ ବିଭାଗ ଦ୍ୱାରା ନିୟନ୍ତ୍ରଣ କରାଯାଇଛି। ବିଭିନ୍ନ ଦୁର୍ଗମ ସ୍ଥାନଗୁଡିକରେ ମୋଟ ୧୨୦ଜଣ ସୁରକ୍ଷା କର୍ମୀ ନିଯୁକ୍ତି କରାଯାଇଛି।

# ଛତ୍ରପୁର ପୌର ପରିଷଦରେ ବିଜେଡିର ପ୍ରଚାର



ବିଜେଡି ପାଇଁ ଭୋଟ ଭିକ୍ଷା କରୁଛନ୍ତି ପୌର ଉପାଧ୍ୟକ୍ଷ।

ଛତ୍ରପୁର, ୨୭।୪ (ଦିଲ୍ଲୀପ ସାମଲ): ଛତ୍ରପୁର ବିଧାନସଭା ଆସନ ନିମନ୍ତେ ବିଜେଡି ବିଧାୟକ ପ୍ରାର୍ଥୀ ସୁବାସ ଚନ୍ଦ୍ର ବେହେରା ଓ ବ୍ରହ୍ମପୁର ଲୋକସଭା ଆସନ ନିମନ୍ତେ ଏମପି ପ୍ରାର୍ଥୀ ଭୃଗୁ ବକ୍ସିପାତ୍ରଙ୍କ ପାଇଁ ଛତ୍ରପୁର ପୌରପରିଷଦରେ ଶନିବାର ସନ୍ଧ୍ୟାରେ ନିର୍ବାଚନୀ ପ୍ରଚାର ଆରମ୍ଭ ହୋଇଛି। ସ୍ଥାନୀୟ ପୁତିଗୋପାଳପୁରଠାରୁ ୧ ଓ ୨ ୱାର୍ଡର ଘରକୁ ଘର ବୁଲି ଉପାଧ୍ୟକ୍ଷ ଜି. ପାପାରାଓ ଓ ନଗର ବିଜେଡି ସଭାପତି ବି. ରାଜୁବାବୁଙ୍କ ନେତୃତ୍ୱରେ ଦଳୀୟ କାଉନସିଲର ଏବଂ ଛାମୁଆ ନେତା ଓ ମହିଳାମାନେ ଭୋଟ ଭିକ୍ଷା କରିଛନ୍ତି। ଉଭୟ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ଯୋଡ଼ି ଶଙ୍ଖରେ ଭୋଟ ଦେବା ନିମନ୍ତେ ଲୋକଙ୍କୁ ନିବେଦନ କରିଛନ୍ତି। ଏହି ପ୍ରଚାରରେ ବିଜୁ ଛାତ୍ର ଜନତା ଦଳର ଜିଲା ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ଯୁବ ବିଜେଡି ଛତ୍ରପୁର ନିର୍ବାଚନ ମଣ୍ଡଳୀ ସଭାପତି ସନମୁଖ ପଟ୍ଟନାୟକ, କାଉନସିଲର ଦେବାଶିଷ ମିଶ୍ର, ସନ୍ତୋଷୀ ସେଠି, ପ୍ରୀତିଛନ୍ଦା ସାମଲ, ବି. ନିର୍ମ୍ମଳା, କେ. ରମେଶ, ମମତା ପାତ୍ର, ପୂର୍ବତନ ଏନଏସି ଉପାଧ୍ୟକ୍ଷ ପ୍ରଦୋଷ କୁମାର ବେହେରା, ପୂର୍ବତନ କାଉନସିଲର ଟି. ଧନଲକ୍ଷ୍ମୀ, ଟି. ନାରାୟଣ, ବି. ଗୋପାଳସ୍ୱାମୀଙ୍କ ସମେତ ବହୁ ମହିଳା ସାମିଲ ଥିଲେ।

### ନିର୍ବାଚନ ପ୍ରଚାର ଆରମ୍ଭ କଲେ ସୁବାସ

**ଛତ୍ରପୁର ୨୭।୪ (ସନ୍ତୋଷ ପାଢ଼ୀ):** ଛତ୍ରପୁର ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ତଥା ବିଧାୟକ ସୁବାସ ଚନ୍ଦ୍ର ବେହେରା ଶନିବାର ନିର୍ବାଚନ ପ୍ରଚାର ସୁନ୍ଦରପୁର ଗ୍ରାମର ପ୍ରସିଦ୍ଧ ଶୈବପୀଠ ଶ୍ରୀସୁନ୍ଦରେଶ୍ୱରଠାରେ ପୂଜାର୍ଚ୍ଚନା କରି ଶୁଭାରମ୍ଭ କରିଛନ୍ତି। ପରେ ସମର୍ଥକଙ୍କ ସହ ବିରାଟ ଶୋଭାଯାତ୍ରାରେ ଭିକାରୀପଲ୍ଲୀ ଓ ବିପୁଲିଙ୍ଗି ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମର ଘର ଘର ବୁଲି ନବୀନ ବାବୁଙ୍କ ଜନକଲ୍ୟାଣ ଯୋଜନା କହିବା ସହ ବିଜେଡିକୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଏହି ପ୍ରଚାରରେ ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା ଏସ୍. ଶାରଦା ରେଡ୍ଡୀ, ବିଜେଡି ଛାତ୍ର ଜନତାଦଳ ଜିଲା ସଭାପତି ପ୍ରଶାନ୍ତ ପଣ୍ଡା, ଛତ୍ରପୁର ପୌର ପାଳିକାର ଉପାଧ୍ୟକ୍ଷ ଜି ପାପାରାଓ, ଛତ୍ରପୁର ବିଜେଡି ନଗର ସଭାପତି ବି ରାଜିବାବୁ, ସମିତି ସଭ୍ୟ ଏସ. ଚକ୍ରପାଣି ରେଡ୍ଡୀ, ଯୁବନେତା ଜ୍ୟୋତିରଞ୍ଜନ ସାହୁ, ଏସ କିଶୋର ରେଡ୍ଡୀ, ଟି. ଚନ୍ଦ୍ରଶେଖର ରେଡ୍ଡୀ, ଜିଲା ପରିଷଦ ସଭ୍ୟ ସନାତନ ବେହେରା, ଜିଲା ପରିଷଦ ସଭ୍ୟା ଛାବିତା ବେହେରା, ଗଞ୍ଜାମ ବ୍ଲକ ପୂର୍ବତନ ବ୍ଲକ ଅଧକ୍ଷ ସୁରଥ ପ୍ରଧାନ, ସୁରେଶ ଦାଶ ପ୍ରମୁଖ ସାମିଲ ଥିଲେ।

# ଘର ଘର ବୁଲି ଭୋଟ୍ ଭିକ୍ଷା କରୁଛନ୍ତି ୨ ସ୍ୱାଧୀନ ପ୍ରାର୍ଥୀ

ପାରଳାଖେମୁଣ୍ଡି, ୨୭।୪ (ଗିରିଧାରୀ ପରିଛା):

ଗଜପତି ଜିଲା ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀର ସ୍ୱାଧୀନ ପ୍ରାର୍ଥୀ ସଞ୍ଜୟ କୁମାର ରାଉତ ଘରକୁ ଘର ବୁଲି ଭୋଟ ଭିକ୍ଷା କରୁଥିବା ଦେଖିବାକୁ ମିଳିଛି । ଶ୍ରୀ ରାଉତ ଜଣେ ଉଚ୍ଚ ଶିକ୍ଷିତ ଯୁବକ ଅଟନ୍ତି। ରାଜନୈତିକ ମଇଦାନରେ ଓହ୍ଲାଇବା ସମ୍ପର୍କରେ ସେ କହିଛନ୍ତି, ସମାଜର ଉନ୍ନତି, ଅଞ୍ଚଳର ବିକାଶ, ଅବହେଳିତ ଲୋକଙ୍କୁ ସହାୟତା ଆଦି ସହ ବିଶେଷ କରି ଚାଷୀମାନଙ୍କ ଉନ୍ନତି ପାଇଁ ସଂସ୍କାର ଆଣିବେ। ଜଣେ ମିଷ୍ଟଭାଷୀ ତଥା ମେଳାପୀ ଏବଂ ଉଚ୍ଚଶିକ୍ଷିତ ଯୁବକ ହୋଇଥିବାରୁ ଲୋକେ ନିଶ୍ଚିତ ଭାବେ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜିତାଇବେ ବୋଲି ଆଶା ପ୍ରକଟ କରିଛନ୍ତି। ଶ୍ରୀ ରାଉତଙ୍କ ପ୍ରଚାର ପ୍ରସାର ପାଇଁ ନିଜ ପରିବାର ଓ ସାଙ୍ଗସାଥିମାନେ ବିଶେଷ ଭାବେ ସହଯୋଗ କରୁଥିବା ଦେଖାଦେଇଛି। ସେହିପରି ପ୍ରଥମଥର ପାଇଁ ଏକ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବ ସାମ୍ବାଦିକ ଆମୋଦ କୁମାର ବର୍ଦ୍ଧନ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଭାବେ ନିଜ ପ୍ରଚାରରେ ମାତିଛନ୍ତି। ଖ୍ରୀଷ୍ଟିଆନ ଓ ଦଳିତ ସମ୍ପ୍ରଦାୟ ସହ ବିଭିନ୍ନ ବର୍ଗର ଲୋକଙ୍କ ସହଯୋଗ ଓ ସମର୍ଥନ ମଧ୍ୟ ମିଳୁଥିବା ଦେଖିବାକୁ ମିଳୁଛି । ଆମୋଦ କୁମାର ଭିନ୍ନ ଭିନ୍ନ ବର୍ଗର ଲୋକଙ୍କ ନିକଟରେ ପହଞ୍ଚି ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା ଓ ଅବଗତି ହେଉଛନ୍ତି। ବିଶେଷ କରି ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ଗାଇବା, ମାଲିଆର, ଅଣ୍ଡରସିଂ, ନାମନଗଡ ଗ୍ରାମ ମାନଙ୍କରେ ଅତ୍ୟଧିକ ପରିମାଣରେ ପିଇବା ପାଣିର ସମସ୍ୟା ରହିଛି। ଏହିସବୁ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ମଧ୍ୟ ଦେଉଛନ୍ତି। ମଲିଆର ଗ୍ରାମର ଜଣେ ବୃଦ୍ଧବ୍ୟକ୍ତି ଦୀର୍ଘଦିନ ହେଲା ଗଳଗଣ୍ଡ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଉକ୍ତ ବୃଦ୍ଧଙ୍କ ପାଖେ ଶ୍ରୀ ବର୍ଦ୍ଧନ ପହଞ୍ଚି ତାଙ୍କର ଚିକିତ୍ସା ବ୍ୟବସ୍ଥା ଅତିଶୀଘ୍ର କରାଯିବାର ପ୍ରତିଶ୍ରୁତି ଦେଇଛନ୍ତି।

# ବାପାଙ୍କ ଘରେ ମା'ଠାକୁରାଣୀ କରୁଛନ୍ତି ଲୀଳା

**ଦାରିଙ୍ଗବାଡି,୨୭।୪ (ଅରୁଣ ସାହୁ)**

ଦାରିଙ୍ଗବାଡ଼ିରେ ମା'ଠାକୁରାଣୀଙ୍କ ଚୈତ ପର୍ବ ବଡ଼ ଧୁମଧାମରେ ପାଳନ କରାଯାଉଛି। ବାପା ଘରକୁ ମା'ଠାକୁରାଣୀ ଆସିଥିବା ବେଳେ ବାପା ଓ ମା'ଙ୍କ ସହ ପ୍ରତିଦିନ ଖୁବହସ ଖୁସିରେ ଦିନ କାଟୁଛନ୍ତି। ଏଭଳି ୧୫ ଦିନ ମା ଠାକୁରାଣୀଙ୍କ ପର୍ବ ଜାରି ରହିବାକୁ ଥିବା ବେଳେ ପ୍ରତିଦିନ ମା' ଠାକୁରାଣୀ ଗାଁ ବୁଲୁଛନ୍ତି ପ୍ରଥମଦିନ ବୁଧବାର ମା'ଙ୍କ ଘଟ ଏ. ଡକେବାଡ଼ି ପରିକ୍ରମା କରିଥିବା ବେଳେ ସେଠାରେ ବଡ଼ ଧୁମଧାମରେ ମା'ଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଗୁରୁବାର ମା'ଙ୍କୁ ମଣ୍ଡପରେ ପୂଜାର୍ଚ୍ଚନା କରାଯାଇଥିବା ବେଳେ ଘଟ ପରିକ୍ରମା ବନ୍ଦ ରହିଥିଲା। ଶୁକ୍ରବାର ନୀଳକନ୍ଦର ସାହି ବାସିନ୍ଦା ବିରାଟ ପଟୁଆରରେ ମା'ଠାକୁରାଣୀ ମଣ୍ଡପକୁ ଆସି ନିମନ୍ତ୍ରଣ କରି ଡାକିନେଇଥିଲେ। ମା'ବିରାଟ ପଟୁଆରରେ ବାହାରି ନୀଳକନ୍ଦର ସାହିରେ ପହଞ୍ଚିଥିଲେ ସେଠାରେ ଏକ ଅସ୍ଥାୟୀ ମଣ୍ଡପରେ ସାହିବାସିନ୍ଦା ପୂଜାର୍ଚ୍ଚନା କରିଥିଲେ ବିଳମ୍ବିତ ରାତିରେ ସେଠାରୁ ପୁଣି ମା'ଠାକୁରାଣୀ ନିଜ ମଣ୍ଡପକୁ ଫେରିଥିଲେ। ଶାନ୍ତି ଶୃଙ୍ଖଳାରେ ଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ପ୍ରତିଦିନ ବିଭିନ୍ନ ବେଶଧାରୀ ବୁଲୁଥିବା ଓ ମେଲୋଡି, ଅପେରା, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରିବାକୁ ପରିଚାଳନା କମିଟି ଲକ୍ଷ ରଖିଥିବା କୁହାଯାଇଛି। ସେହିପରି ଶନିବାର କୁମ୍ଭବଜାର ପକ୍ଷରୁ ମା'ଠାକୁରାଣୀଙ୍କୁ ନିମନ୍ତ୍ରଣ କରାଯାଇଥିବା ବେଳେ ବାଲାଙ୍ଗିରରୁ ଆସିଥିବା ଦୁଲ ଦୁଲୀ ବାଦ୍ୟ ଯନ୍ତ୍ରରେ ଦାରିଙ୍ଗବାଡି ପ୍ରକମ୍ପିତ ହୋଇଥିଲା। ସେହିପରି ମେଲୋଡି ଓ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା କୁମ୍ଭ ବଜାର ଏବଂ ନୀଳକନ୍ଦର ସାହି ବାସିନ୍ଦା ସମେତ ମା'ଠାକୁରାଣୀ ଯାତ୍ରା ପରିଚାଳନା କମିଟି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ଠାକୁରାଣୀ ଯାତ୍ରାରେ ଘଟ ପରିକ୍ରମା କରାଯାଉଛି।

- ଠାକୁରାଣୀ ଯାତ୍ରା ପାଇଁ ଦାରିଙ୍ଗବାଡ଼ି ଉତ୍ସବମୁଖର
- ସନ୍ଧ୍ୟାରେ ବିରାଟ ପଟୁଆରରେ ଘଟ ପରିକ୍ରମା

